# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 2 November - 2025

*********************************

# ସୁଭଦ୍ରା ଶକ୍ତିମେଳା

ରାଜ୍ୟରେ ମହିଳା ସଶକ୍ତିକରଣ ଏବଂ ଦକ୍ଷ ମହିଳା ଉଦ୍ୟୋଗୀ ସୃଷ୍ଟି ନେଇ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳାର ଦ୍ୱିତୀୟ ସଂସ୍କରଣକୁ ଗତ ସଂଧ୍ୟାରେ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମାଝୀ ଏହା କହିଛନ୍ତି । ସେ କହିଛନ୍ତି ଏହି ମେଳା ଶ୍ରମ ଏବଂ ସୃଜନଶୀଳତାର ଏକ ଉତ୍କୃଷ୍ଟ ଉଦାହରଣ ।

**V/O**

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗଦେଇ କହିଛନ୍ତି ରାଜ୍ୟର ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟରୁ ପ୍ରାୟ ୩୦୦ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଯୋଗ ଦେଇଛନ୍ତି ।

## ରାଜ୍ୟପାଳ-ପ୍ରତିଷ୍ଠା ଦିବସ

ଭାରତର ପ୍ରକୃତ ଶକ୍ତି ଏହାର ବିଶାଳ ବିବିଧତା ମଧ୍ୟରେ ନିହିତ ରହିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ରାଜଭବନ ନିଉ ଅଭିଷେକ ହଲ୍‌ରେ ଗତକାଲି ୧୫ଟିରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ସେ କହିଛନ୍ତି ଏଭଳି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏକ ଭାରତ ଶ୍ରେଷ୍ଠ ଭାରତ ଆତ୍ମାକୁ ପ୍ରତିଫଳିତ କରୁଛି ।

## ଆଇନ୍ ମନ୍ତ୍ରୀଙ୍କ ସମୀକ୍ଷା

ରାଜ୍ୟରେ ନିର୍ମାଣାଧୀନ ୧୬ଟି ଜାତୀୟ ରାଜପଥ ପ୍ରକଳ୍ପର ସ୍ଥିତି ନେଇ ଆଇନ୍ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଶ୍ରୀ ହରିଚନ୍ଦନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବାକୁ ଗୁରୁତ୍ୱ ଦେଇଛନ୍ତି । ପ୍ରକଳ୍ପ ନିର୍ମାଣକ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି ।

# ଜନଗଣନା ଅଧିକାରୀ ନିଯୁକ୍ତ

ଆଗାମୀ ୨୦୨୭ ମସିହାରେ ରାଜ୍ୟରେ ହେବାକୁ ଥିବା ଜନଗଣନା ଲାଗି ସରକାରଙ୍କ ପକ୍ଷରୁ ଜନଗଣନା ଅଧିକାରୀ ନିଯୁକ୍ତ କରାଯାଇଛି । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ଏବଂ ପୌରାଞ୍ଚଳ କମିଶନଙ୍କୁ ମୁଖ୍ୟ ଜନଗଣନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି । ଏନେଇ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ମକ୍‌ଡ୍ରିଲ

ସରକାର ବସ୍ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଠିକ୍ ଅନୁପାଳନ ନେଇ ପ୍ରତି ଶନିବାର ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ଗତକାଲି ରାଜ୍ୟର ୧୦ଟି ସ୍ଥାନରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି ।

# କାମ୍ପା-ବୈଠକ

କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା - କାମ୍ପା ରାଜ୍ୟ କର୍ତ୍ତୃପକ୍ଷଙ୍କ ୨୩ତମ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଗତକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାର୍ଷିକ କାର୍ଯ୍ୟଯୋଜନା ନେଇ ବିସ୍ତୃତ ଆଲୋଚନା ହୋଇଛି ।

# ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ଏବଂ ବୁଣାକାର ଓ ହସ୍ତଶିଳ୍ପୀଙ୍କ ଉନ୍ନତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱରଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଗତ ସଂଧ୍ୟାରେ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶିଳ୍ପ ମନ୍ତ୍ରଣାଳୟ ସଚିବ ନିଲମ ଶମ୍ମିରାଓ କହିଛନ୍ତି ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ରହିଥିବା ବ୍ୟାପକ ସମ୍ଭାବନା ତଥା ନିବେଶ ସୁଯୋଗ ଉପରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା ହୋଇଛି । ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ଦୁଇଦିନିଆ ସମ୍ମିଳନୀ ଏକ ପ୍ରଭାବଶାଳୀ ମଞ୍ଚ ଭାବେ କାର୍ଯ୍ୟ କରିଛି ବୋଲି ସେ କହିଛନ୍ତି ।

# ଦ୍ରବ୍ୟ ଓ ସେବାକର – ଜିଏସ୍‌ଟି

କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତମାସରେ ୧ଲକ୍ଷ ୯୬ହଜାର କୋଟି ଟଙ୍କାର ଦ୍ରବ୍ୟ ଓ ସେବାକର - ଜିଏସ୍‌ଟି ସଂଗ୍ରହ କରାଯାଇଥିବା ସୂଚନା ମିଳିଛି । ଗତବର୍ଷ ଅକ୍ଟୋବର ମାସ ତୁଳନାରେ ଏହା ୪ ଦଶମିକ ୬ ପ୍ରତିଶତ ଅଧିକ ଥିବା ଜଣାପଡିଛି । ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ନବରାତ୍ରର ପ୍ରଥମ ଦିନରେ ସରକାରଙ୍କ ପକ୍ଷରୁ ଜିଏସ୍‌ଟି ସଂସ୍କାର କାର୍ଯ୍ୟକାରୀ ହୋଇଥିଲା ।

# ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକ ୨୦୨୫ର ପ୍ରଚାର ପ୍ରସାର ପାଇଁ ଏକ ପ୍ରଜ୍ଞାପନ ମେଢ଼ର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କହିଛନ୍ତି ଏହି ମେଢ଼ କଟକ ସମେତ ୧୦ଟି ଜିଲ୍ଲା ପରିକ୍ରମା କରି ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟର ବାର୍ତ୍ତା ପ୍ରଚାର କରିବ । ଆସନ୍ତା ୫ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବାଲିଯାତ୍ରା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାତି ୧୧ଟା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି ।

## ପଞ୍ଚକ

କାର୍ତ୍ତିକ ମାସ ଅବସରରେ ଆଜିଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ପାଳନ କରାଯାଉଛି । ଚଳିତ ବର୍ଷ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ୫ ଦିନ ପରିବର୍ତ୍ତେ ୪ ଦିନ ପାଳିତ ହେଉଛି । ଠାକୁରଙ୍କର ଆଜି ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେଉଛି ।

# ବଳଦେବଜୀଉଙ୍କ ବେଶ

ଅନ୍ୟପକ୍ଷରେ ପଞ୍ଚକ ବ୍ରତ ଗତକାଲିଠାରୁ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ପାଳନ ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ଗତକାଲି ପ୍ରଥମ ସଂଧାରେ ଠାକୁରଙ୍କର ମଧୁଦୈତ୍ୟ ସଂହାର ବେଶ ଅନୁଷ୍ଠିତ ହୋଇଥିଲା । ରାଜ୍ୟରୁ ବିଭିନ୍ନ ସ୍ଥାନରୁ

ଆରସିଥିବା ହବିଷ୍ୟାଳୀଙ୍କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

## ମହିଳା କ୍ରିକେଟ୍ ବିଶ୍ୱକପ

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ନଭି ମୁମ୍ବାଇର ଡିଓ୍ୱାଇପାଟିଲ କ୍ରିକେଟ୍ ପଡ଼ିଆଠାରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଖେଳାଯିବ । ସେମିଫାଇନାଲ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା’ ଇଂଲଣ୍ଡକୁ ଏବଂ ଭାରତ’ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା ।